ଆପଣଙ୍କ ଅଞ୍ଚଳର ଖବର ଆମକୁ ପଠାନ୍ତୁ, ଆମେ ପହଞ୍ଚାଇବୁ ସାରା ଓଡ଼ିଶାରେ
6371154462 khabarodisha.mrds@gmail.com



# ଢେଙ୍କାନାଳ ଜିଲ୍ଲାରେ ବିକଶିତ କୃଷି ସଂକଳ୍ପ ଅଭିଯାନର ଶୁଭ ଉଦ୍ଘାଟନ କରାଯାଇଛି

Khabar odisha :29/05/2025

Share story:




ଢେଙ୍କାନାଳ: ଆଜି ଢେଙ୍କାନାଳ ସଦର ବ୍ଲକ ଅଧିନସ୍ଥ କାଇମାଟି ଗ୍ରାମ ପଂଚାୟତ ସଭାଗୃହ ଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନର ଶୁଭ ଉଦ୍ଘାଟନ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ସାରା ଭାରତ ବର୍ଷରେ ୭୨୩ଟି ଜିଲ୍ଲାରେ ୧.୫ କୋଟି ଲୋକଙ୍କ ପାଇଁ ଉଦଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମ ଆଜି ଠାରୁ ଆରମ୍ଭ ହୋଇ ଜୁନ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଢେଙ୍କାନାଳ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ପାଇଁ ୩ଟି ଟିମ ଗଠନ କରାଯାଇଛି ଯେଉଁଥିରେ କି ICAR ର ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଏବଂ କୃଷି ବିଭାଗର ଅଧିକାରୀ ଅଛନ୍ତି । ଏହି ୧୫ ଦିନର କାର୍ଯ୍ୟକ୍ରମ ମଧ୍ୟରେ ପ୍ରତେକ ଟିମ ପ୍ରାୟ ୫୦୦୦ ଚାଷୀଙ୍କ ନିକଟରେ ପହଁଚିବେ ଏବଂ ଜିଲ୍ଲା ସ୍ତରରେ ୧୫୦୦୦ ଚାଷୀଙ୍କ ପାଖରେ ଏହି କାର୍ଯ୍ୟକ୍ରମ ପହଂଚିବ ।

ଏହି କାର୍ଯ୍ୟକ୍ରମ ଜିଲ୍ଲାର ସମସ୍ତ ବ୍ଲକରେ ୬୦ଟି ଗ୍ରାମପଂଚାୟତରେ ଆୟୋଜନ କରାଯିବାର ଯୋଜନା ରହିଛି । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ଶିବନାରାୟଣ ସିଂ ଅଧକ୍ଷତା କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ଃ ବିମଳେନ୍ଦୁ ମହାନ୍ତି କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମ ରେ ପ୍ରାୟ ୨୫୦ ଚାଷୀ ଅଂଶଗ୍ରହଣ କରିଥିଲେ ଓ ଉପସ୍ଥିତ ଚାଷୀଙ୍କୁ କୃଷି ବିଜ୍ଞାନ କେନ୍ଦ୍ରର ସମ୍ପ୍ରସାରଣ ବୈଜ୍ଞାନିକ ଡ଼ଃ ରୋଜାଲିନ ମହାନ୍ତ ପ୍ରାକ ଖରିଫ କୃଷି ପରାମର୍ଶ ଦେଇଥିଲେ । ଉଦ୍ୟାନ ବୈଜ୍ଞାନିକ ଡ଼ଃ ଦିବ୍ୟ ସୁନ୍ଦର କର ଓ ଶ୍ରୀମତୀ ସ୍ୱର୍ଣ୍ଣ ସାରିକା ବେହେରା କୃଷି କ୍ଷେତ୍ରରେ ଥିବା ନୂତନ ଓ ଉନ୍ନତ ଜ୍ଞାନ କୌଶଳ ଉପରେ ଆଲୋକପାତ କରିଥିଲେ । କ୍ଷେତ୍ର ବୈଜ୍ଞାନିକ ଶ୍ରୀ ଶ୍ରୀକାନ୍ତ ସାହୁ ମାଟି ପରୀକ୍ଷା ଓ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ର ବ୍ୟବହାର ଏବଂ ପ୍ରାକୃତିକ କୃଷି ଉପରେ ଆଲୋଚନା କରିଥିଲେ । ପ୍ରାଣୀ ବୈଜ୍ଞାନିକ ଡ଼ଃ ରୋଶନି ବାଲା ନାୟକ ପ୍ରାଣୀ ବିଭାଗର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ଅନ୍ୟାନ୍ୟ ଯୋଜନା ବିଷୟରେ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ଅନ୍ୟାନ୍ୟ

Tweets by Khabar Odisha

Recent



ଆଜି ରାଜରାଜେଶ୍ୱରି ବେଶରେ ଦର୍ଶନ ଦେଉଛନ୍ତି ମା ଭଦ୍ରକାଳି; ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ


ସମ୍ଭାବ୍ୟ ବାତ୍ୟାକୁ ନେଇ ପାଣିପାଗ ବିଭାଗର ଆକଳନ; ୧୫ ଜିଲ୍ଲାକୁ ସତର୍କତା ଜାରି



"ଭେଡିଆ ୨"ରେ ଆୟୁଷ୍ମାନ ଖୁରାନା ଏବଂ ବରୁଣ ଧାୱନଙ୍କ ମଧ୍ୟରେ ମୁକାବିଲା ହେବ କି? ଜାଣନ୍ତୁ ସମ୍ପୂର୍ଣ୍ଣ ଅପଡେଟ୍



ଭୁବନେଶ୍ୱର ୟୁନିଟ ୧ ପରିବା ମାର୍କେଟରେ ଲାଗିଲା ନିଆଁ; ହୁତୁହୁତୁ ହୋଇ ଜଳିଗଲା ୧୫ରୁ ୨୦ ଦୋକାନ

ଭିଡିଓ



ସାଧାରଣ ଗୃହିଣୀରୁ ପାଲଟିଛନ୍ତି ସଫଳ ଉଦ୍ୟୋଗୀ |

ବୈଜ୍ଞାନିକ ଓ କର୍ମଚାରୀ ଯଥା ଡ଼ଃ ଶେଫାଳି ରାଉତ, ଶ୍ରୀ ବିରଜା ପ୍ରସାଦ ଜେନା, ଶ୍ରୀ ନିହାର ରଞ୍ଜନ ବରାଳ, ଜିଲ୍ଲା କୃଷି ବିଭାଗର କୃଷି ଅଧିକାରୀ ସ୍ମୃତି ମହାପାତ୍ର ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

କାର୍ଯ୍ୟକ୍ରମ ଶେଷରେ ବ୍ଲକ ଟେକ୍ନୋଲୋଜି ମ୍ୟାନେଜର ଶ୍ରୀ ଗାରିମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସାରା ଭାରତ ବର୍ଷରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବୈଜ୍ଞାନିକ ମାନେ କୃଷକ ମାନଙ୍କ ପାଖକୁ ଯାଇ ନୂତନ ଜ୍ଞାନ କୌଶଳ, ଖରିଫ କୃଷି ପରାମର୍ଶ, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ପ୍ରାକୃତିକ କୃଷି, କୃଷି ଓ ଅନୁସଙ୍ଗିକ ବିଭାଗ ର ଯୋଜନା ବିଷୟରେ ସଚେତନ କରାଇବେ ।

Agricultural Concepts | DHENKANAL

Sangeeta Priyadarshini Sahoo, Author, 29-05-2025 9:00PM






### 'ଯିଏ ଅପରାଧି ତାକୁ ନିଶ୍ଚିନ୍ତ ଦଣ୍ଡ ମିଳିବ'- ରାଜ୍ୟ ବିଜେପି ଉପସଭାପତି

Sangeeta Priyadarshini Sahoo | 22-10-2025 6:15PM

ବ୍ରହ୍ମପୁର ପିତବାସ ପଣ୍ଡା ହତ୍ୟା ଘଟଣାର ରହସ୍ୟ ଧିରେ ଧିରେ ସାମ୍ନାକୁ ଆସୁଛି। ଆଜି ବ୍ରହ୍ମପୁପ ଏସପି ପ୍ରେସମିଟ କରିଛନ୍ତି। ଏହି ପ୍ରେସମିଟକୁ ଆଧାର କରି ବିଜେଡି ଏକ ସାମ୍ବାଦିକ ସମ୍ମିଳନୀ କରି ନିଜର ଅପରିପକ୍ୱତାର ପରିଚୟ ଦେଖାଯାଇଛି

Read More >




### ଆଜି ରାଜରାଜେଶ୍ୱରି ବେଶରେ ଦର୍ଶନ ଦେଉଛନ୍ତି ମା ଭଦ୍ରକାଳି; ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ

Henilprava Swain | 22-10-2025 5:00PM

କାଳୀପୂଜା ପାଇଁ ଉତ୍ସବମୁଖର ବିଭିନ୍ନ କାଳୀମଣ୍ଡପ । ଏହି ଅବସରରେ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ସପ୍ତମାତୃକା ବେଶର ଆଜି ତୃତୀୟ ଦିନରେ ରାଜରାଜେଶ୍ୱରୀ ବେଶରେ ପୂଜା ପାଉଛନ୍ତି । ମା'ଙ୍କର ଏହି ବେଶକୁ ଦର୍ଶନ କରିବା ପାଇଁ ପୀଠରେ ସକାଳୁ ଶହ ଶହ ଭକ୍ତମାନଙ୍କର ଲମ୍ବା ଧାଡ଼ି ଦେଖିବାକୁ ମିଳିଛି । ବିଶ୍ୱାସ ରହିଛି ଏହି ବେଶରେ ମାଙ୍କୁ ଦର୍ଶନ କଲେ ସମସ୍ତ ସୁଖ ଶାନ୍ତି ଲାଭ ହୋଇଥାଏ ।

Read More >